# ଉତ୍ସବ

❊❊❊❊❊❊❊❊❊❊❊❊❊❊❊❊❊❊❊❊❊❊❊❊❊❊❊

ଶ୍ରୀକୃଷ୍ଣ ଭାବନାମୃତ ଜୀବନରେ ପ୍ରତ୍ୟେକ ଦିନ ଉତ୍ସବ ହୁଏ । ଭକ୍ତବୃନ୍ଦ ସମ୍ମିଳିତ ଭାବେ ଭଗବାନଙ୍କ ସମ୍ମୁଖରେ ନୃତ୍ୟ, କୀର୍ତ୍ତନ କରି ଶ୍ରୀବିଗ୍ରହଙ୍କ ରୂପ ମାଧୁର୍ଯ୍ୟର ରସ ଆସ୍ୱାଦନ କରି ତଥା ଶ୍ରୀ ଭଗବାନଙ୍କର ସେବା କରି ଆନନ୍ଦ ଉତ୍ସବ କରନ୍ତି । ତଥାପି ଭଗବାନ ଏବଂ ତାଙ୍କ ଭକ୍ତମାନଙ୍କର ଆବିର୍ଭାବ ତିଥି ଓ ବିଶେଷ ତିଥିରେ ସେହିମାନଙ୍କର ନିର୍ଦ୍ଦିଷ୍ଟ ଲୀଳା ଚରିତ ଉପରେ ଆଧାରିତ ପ୍ରବଚନ ଓ କୀର୍ତ୍ତନ ଗାନ ପୂର୍ବକ ଉତ୍ସବ ପାଳନ କରାଯାଏ ।

ଉତ୍ସବ ଦିନରେ ମନ୍ଦିରକୁ ସୁନ୍ଦର ଭାବରେ ସଜାଯାଏ । ଶ୍ରୀବିଗ୍ରହଙ୍କର ଅତି ମନୋହର ଶୃଙ୍ଗାର ଓ ସମ୍ଭବ ହେଲେ ଶ୍ରୀବିଗ୍ରହଙ୍କୁ ନୂତନ ବସ୍ତ୍ର ପରିଧାନ କରାଯାଏ । ବହୁପ୍ରକାର ଏବଂ ବହୁପରିମାଣରେ ସ୍ୱାଦିଷ୍ଟ ବ୍ୟଞ୍ଜନ ଭଗବାନଙ୍କୁ ନିବେଦନ କରାଯାଏ ଏବଂ ପ୍ରସାଦ ବିତରଣ କରାଯାଏ । ଇସ୍କନରେ ପାଳନୀୟ କେତୋଟି ମୁଖ୍ୟ ଉତ୍ସବର ବିବରଣୀ ନିମ୍ନରେ ଦିଆଗଲା ।(ପ୍ରତ୍ୟେକ ଉତ୍ସବର ନିର୍ଦ୍ଦିଷ୍ଟ ତାରିଖ ବୈଷ୍ଣବ ପଞ୍ଜିକାର ଦିଆଯାଇଥାଏ) ।

## ଅଭିଷେକ ପଦ୍ଧତି

ଅଭିଷେକ ପାଇଁ ସମସ୍ତ ପ୍ରସ୍ତୁତି ସାରି ଆବିର୍ଭାବ ସମୟର (ନିର୍ଘଣ୍ଟ ଥିବା ଉପବାସ ସମୟର) ଘ.୧:୩୦ମି. ପୂର୍ବରୁ କୀର୍ତ୍ତନ ସମାରୋହେ ସେହି ଶ୍ରୀବିଗ୍ରହଙ୍କୁ ସ୍ନାନବସ୍ତ୍ର ପିନ୍ଧାଇ, ଶଙ୍ଖ ବଜାଇ ମନ୍ଦିର ଖୋଲି ସୁସଜ୍ଜିତ ସ୍ନାନ ବେଦୀକୁ ଆଣିବେ । ସ୍ନାନ ହେଉଥିବା ସମୟରେ ପୂଜାରୀମାନେ ପୁରୁଷ ସୁକ୍ତ ମନ୍ତ୍ର, ବ୍ରହ୍ମ ସଂହିତା ଆଦି ପାଠ କରିବେ । ନିର୍ଦ୍ଦିଷ୍ଟ ଉପଚାର ମନ୍ତ୍ର ଓ ବିଗ୍ରହଙ୍କ ମୂଳ ମନ୍ତ୍ର ନିର୍ଦ୍ଦିଷ୍ଟ ଅଭିଷେକ ସମୟରେ ପାଠ କରିବେ । ୧-ଆସନ, ୨-ସ୍ୱାଗତମ୍, ୩-ପାଦ୍ୟ, ୪-ଅର୍ଘ୍ୟ, ୫-ଆଚମନ, ୬-ମଧୁପର୍କ (ଦହି-୧,ଘିଅ-୧,ମଧୁ-୪ ମିଶାଇ), ୭-ପୁନଃଆଚମନ, ୮-ଆରତୀ (ଥାଳିରେ ମଇଦାଦ୍ୱାରା ୯ଟି ଦୀପରେ ଘିଅବତୀ ସଜାଇ ଆରତୀ କରିବେ), ୯-ସୁଗନ୍ଧି ତୈଳ (ସର୍ବାଙ୍ଗେ ମର୍ଦ୍ଦନ) । ଦକ୍ଷିଣାବର୍ତ୍ତ ଶଙ୍ଖରେ ତୁଳସୀ ଦେଇ ସ୍ନାନ ଆରମ୍ଭ କରିବେ । ୧୦- ସାମାନ୍ୟ ଉଷ୍ମ ଜଳ, ୧୧-ସୁବାସିତ ଜଳ, ଗଙ୍ଗା ଜଳ, ଗୋଲାପ ଜଳ, ୧୨-ପଞ୍ଚଗବ୍ୟ (ଦୁଗ୍ଧ, ଦଧି, ଘୃତ, ଗୋମୟ, ଗୋମୁତ୍ର ଏକତ୍ର ମିଶାଇ), ୧୩-ପଞ୍ଚାମୃତ (ଦୁଗ୍ଧ, ଦଧି, ଘୃତ, ମଧୁ, ମିଶ୍ରିଜଳ ଭିନ୍ନ ଭିନ୍ନ ଭାବରେ), ୧୪-ସାମାନ୍ୟ ଉଷ୍ମ ଜଳ, ୧୫-ଧୂଳି ସ୍ନାନ (ପାଳୁଅ, ଶୁଖିଲା ପାଣିଫଳ, ଚନ୍ଦନ କାଠର ଗୁଣ୍ଡକୁ ନଡ଼ିଆ କତା ବା ଗୋରୁ ଲାଞ୍ଜର ତୁଳି କରି ସର୍ବାଙ୍ଗେ ଛିଟାଇ ପରିଷ୍କାର କରିବେ), ୧୬-ଫଳରସ (ବିଭିନ୍ନ ପ୍ରକାର ମିଠା ଫଳରସ ଭିନ୍ନ ଭିନ୍ନ ଭାବରେ), ୧୭-ସାମାନ୍ୟ ଉଷ୍ମ ଜଳ, ୧୮-ପଇଡ଼ଜଳ, ୧୯-ସର୍ବାଙ୍ଗେ ଚନ୍ଦନ ଲେପନ, ୨୦-ପଞ୍ଚସୁଗନ୍ଧି ଜଳ (କସ୍ତୁରି, କେଶର, କର୍ପୁର, ଚନ୍ଦନ, ଅଗୁରୁ) ୨୧-ସହସ୍ରଧାରା ସ୍ନାନ ପାତ୍ରକୁ ମସ୍ତକ ଉପରେ ଦେଖାଇ (ସର୍ବ-ଔଷଧି, ମହୌଷଧି, ଗୋରଚନା, କୁଶ, ନବରତ୍ନ, ସୁବାଷିତ ଫୁଲପାଖୁଡ଼ା, ଫଳ ପାତ୍ରରେ ଦେଇ) ସୁଗନ୍ଧିତ ଗଙ୍ଗାଜଳରେ ସ୍ନାନ ପରେ ଟାୱେଲରେ ଭଲଭାବରେ ପୋଛିଦେବେ, ୨୨- ପୁଷ୍ପାଭିଷେକ (ବିଭିନ୍ନ ରଙ୍ଗର ଫୁଲ ପାଖୁଡ଼ାରେ ଭିନ୍ନ ଭିନ୍ନ ଭାବେ) ଏବେ ବିଗ୍ରହଙ୍କୁ ମନ୍ଦିର ଭିତରକୁ ନେଇ ମନ୍ଦିର ବନ୍ଦକରି ଶୃଙ୍ଗାର କରାଇ ବହୁ ବ୍ୟଞ୍ଜନ ବିଶିଷ୍ଟ ମହାଭୋଗ

ନିର୍ଦ୍ଦିଷ୍ଟ ଆବିର୍ଭାବ ସମୟ ମଧ୍ୟରେ ନିବେଦନ କରିବେ । ପୁନଃରାୟ ମନ୍ଦିର ଖୋଲି ନିର୍ଦ୍ଦିଷ୍ଟ ପ୍ରଣାମ ମନ୍ତ୍ରରେ ତିନିଥର ପୁଷ୍ପାଞ୍ଜଳି ଦେବେ ଏବଂ ପ୍ରତ୍ୟେକ ଥର ପୁଷ୍ପ ଦେବାବେଳେ "ଏଷ ପୁଷ୍ପାଞ୍ଜଳି" କହିବେ । ନିବେଦିତ ପ୍ରସାଦ ପାତ୍ରଗୁଡ଼ିକୁ ସେହି ସ୍ଥାନରୁ ନ'ଉଠାଇ ମହା ଆରତୀ କରିବେ ।

**ଗୌରପୂର୍ଣ୍ଣିମା:-**ଫାଲଗୁନ ମାସ ଦୋଳ ପୂର୍ଣ୍ଣିମା ଦିନ ଶ୍ରୀମନ୍ ମହାପ୍ରଭୁଙ୍କର ଆବିର୍ଭାବ ହୋଇଥିବାରୁ ଏହି ପୂର୍ଣ୍ଣିମା ଗୌରପୂର୍ଣ୍ଣିମା ନାମରେ ସର୍ବ ବିଦିତ । ଏହିଦିନ ଭକ୍ତମାନେ ଚନ୍ଦ୍ରୋଦୟ ପର୍ଯ୍ୟନ୍ତ ଉପବାସ କରିଥାନ୍ତି ଓ ପରେ ଅନୁକଳ୍ପ ପ୍ରସାଦ ପାଇ ବ୍ରତ ସମାପନ କରିଥାନ୍ତି । ପରଦିନ ଜଗନ୍ନାଥ ମିଶ୍ରଙ୍କ ଉତ୍ସବ ପାଳନ କରି ମଧ୍ୟାହ୍ନରେ ପ୍ରୀତିଭୋଜନ କରାହୁଏ । ଶ୍ରୀଚୈତନ୍ୟ ଚରିତାମୃତରେ ଆଦିଲୀଳାର ତ୍ରୟୋଦଶ ପରିଚ୍ଛେଦରେ ମହାପ୍ରଭୁଙ୍କ ଆର୍ବିଭାବ ବିଷୟରେ ବିସ୍ତୃତ ବର୍ଣ୍ଣନା ଅଛି । ଶ୍ରୀଧାମ ମାୟାପୁରରେ ଉତ୍ସବର ପ୍ରାୟ ବାରଦିନ ପୂର୍ବରୁ ନବଦ୍ୱୀପଧାମ ପରିକ୍ରମା ଆରମ୍ଭ କରି ବହୁ ଐଶ୍ୱର୍ଯ୍ୟପୂର୍ଣ୍ଣ ଭାବେ ଏହି ଉତ୍ସବ ପାଳନ କରାଯାଏ ।

**ରାମ ନବମୀ:-**ଭଗବାନ ଶ୍ରୀରାମଚନ୍ଦ୍ରଙ୍କ ଆର୍ବିଭାବ ତିଥି ରାମ ନବମୀ ନାମରେ ବିଖ୍ୟାତ । ମଧ୍ୟାହ୍ନ ପର୍ଯ୍ୟନ୍ତ ଉପବାସ ପାଳନ କରି ତା'ପରେ ଅନୁକଳ୍ପ ପ୍ରସାଦ ସେବନ । ଭଗବାନ ଶ୍ରୀରାମଙ୍କ ବିଷୟରେ ଜାଣିବା ପାଇଁ ଭାଗବତମ୍‌ର ନବମ ସ୍କନ୍ଧର ଦଶମ ଓ ଏକାଦଶ ଅଧ୍ୟାୟ ଅଧ୍ୟୟନ କରନ୍ତୁ ।

**ନୃସିଂହ ଚତୁର୍ଦ୍ଦଶୀ:-**ଏହା ଭଗବାନ ନୃସିଂହଦେବଙ୍କ ଆର୍ବିଭାବ ତିଥି ଅଟେ । ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ ଉପବାସ ପରେ ଅନୁକଳ୍ପ ପ୍ରସାଦ ସେବନ କରାଯାଇଥାଏ । 'ଶ୍ରୀମଦ୍ ଭାଗବତମ୍' ସପ୍ତମ ସ୍କନ୍ଧରେ ଅଷ୍ଟମ ଅଧ୍ୟାୟ ଅଧ୍ୟୟନ କଲେ ଶ୍ରୀନୃସିଂହଦେବଙ୍କ ଆର୍ବିଭାବର ରହସ୍ୟ ଜାଣିପାରିବେ । ଥଣ୍ଡାପାଣି, ଗୁଡ଼, ଲେମ୍ବୁ, ଅଦାରସ, ଗୋଲମରିଚ ମିଶ୍ରିତ ସରବତ ଶ୍ରୀ ନୃସିଂହଦେବଙ୍କର ଅତ୍ୟନ୍ତ ପ୍ରିୟ ହୋଇଥିବାରୁ ତାହା ତାଙ୍କୁ ଅର୍ପଣ କରିବା ଉଚିତ୍ ।

**ସ୍ନାନ ପୂର୍ଣ୍ଣିମା:-**ଏହି ତିଥି ଶ୍ରୀଜଗନ୍ନାଥ, ବଳଦେବ ଓ ସୁଭଦ୍ରା ଦେବୀଙ୍କ ଆର୍ବିଭାବ ତିଥି ହୋଇଥିବାରୁ ତାଙ୍କୁ ଶ୍ରୀମନ୍ଦିରରୁ ସ୍ନାନ ମଣ୍ଡପକୁ ଆଣି ସ୍ନାନ କରାଯାଏ ଓ ଅପରାହ୍ନରେ ଗଜବେଶ ଧାରଣ କରାହୋଇଥାଏ ।

**ରଥଯାତ୍ରା:-**ଏହିଦିନ ପୁରୀରେ ଭଗବାନ ଶ୍ରୀଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ଦେବୀ ପୃଥକ ପୃଥକ ରଥରେ ବିରାଜମାନ ହୋଇ ଶ୍ରୀ ମନ୍ଦିରରୁ ଗୁଣ୍ଡିଚା ମନ୍ଦିରକୁ ବଡ଼ଦାଣ୍ଡରୁ ଯାଆନ୍ତି । ଲକ୍ଷ ଲକ୍ଷ ଭକ୍ତ କୀର୍ତ୍ତନ, ନୃତ୍ୟ କରି ରଥ ଟାଣି ଟାଣି ତାଙ୍କୁ ନେଇଯାଆନ୍ତି । ଶ୍ରୀଲ ପ୍ରଭୁପାଦ ସମଗ୍ର ବିଶ୍ୱରେ ଏହି ଉତ୍ସବ ପାଳନ କରି ଲୋକପ୍ରିୟ କରାଇଛନ୍ତି । ଶ୍ରୀ ଚୈତନ୍ୟ ଚରିତାମୃତର ମଧ୍ୟ ଲୀଳାର ତ୍ରୟୋଦଶ ପରିଚ୍ଛେଦ ପାଠ କରନ୍ତୁ ।

**ଝୁଲଣ ଯାତ୍ରା:-**ଏହି ଉତ୍ସବ ପାଞ୍ଚ ଦିନ ଧରି ପାଳିତ ହୁଏ । ଗୋଟିଏ ଝୁଲଣ ଦୋଳିକୁ ଫଳ, ଫୁଲ, ପତ୍ରରେ ସଜା ହୋଇ ସେଥିରେ ଶ୍ରୀ ଶ୍ରୀ ରାଧାକୃଷ୍ଣଙ୍କର ଶ୍ରୀବିଗ୍ରହ ବା ଆଲେଖ୍ୟକୁ ଧିରେ ଧିରେ ଝୁଲାଯାଏ ତଥା କୀର୍ତ୍ତନ କରାଯାଏ ।

**ବଳରାମ ଜୟନ୍ତୀ:-**ଏହି ଉତ୍ସବ ଶ୍ରାବଣ ପୂର୍ଣ୍ଣିମା ବା ଝୁଲଣ ଯାତ୍ରାର ଅନ୍ତିମ ଦିବସ ରାକ୍ଷୀ ପୂର୍ଣ୍ଣମୀରେ ପାଳନ କରାଯାଏ । ମଧ୍ୟାହ୍ନ ପର୍ଯ୍ୟନ୍ତ ଉପବାସ ପୂର୍ବକ ତତ୍ପରେ ଅନୁକଳ୍ପ ପ୍ରସାଦ ସେବନ । ଶ୍ରୀବଳରାମଙ୍କର 'ମଧୁ' ଅତି ପ୍ରିୟ ହୋଇଥିବାରୁ ତାଙ୍କୁ ତାହା ଅର୍ପଣ କରିବା ଉଚିତ୍ । ଭଗବାନ ବଳରାମଙ୍କ କୀର୍ତ୍ତି ଜାଣିବା ପାଇଁ 'ଶ୍ରୀ ଚୈତନ୍ୟ ଚରିତାମୃତ'ର ଆଦିଲୀଳା ପଞ୍ଚମ ପରିଚ୍ଛେଦ ଓ ପରମପୁରୁଷ ଭଗବାନ ଶ୍ରୀକୃଷ୍ଣ ଗ୍ରନ୍ଥର ଧେନୁକାସୁର, ପ୍ରଳମ୍ବାସୁର ଆଦି ବିଷୟ ଅଧ୍ୟୟନ କରନ୍ତୁ ।

**ଜନ୍ମାଷ୍ଟମୀ:-**ଭଗବାନ ଶ୍ରୀକୃଷ୍ଣଙ୍କର ଆର୍ବିଭାବ ଦିବସ ଜନ୍ମାଷ୍ଟମୀ ନାମରେ ସର୍ବପ୍ରସିଦ୍ଧ । ଏହିଦିନ ରାଧାକୃଷ୍ଣ ଉଭୟଙ୍କୁ ଏକତ୍ର ଅଭିଷେକ କରାଯାଏ ଏବଂ ମଧ୍ୟରାତ୍ରି ପର୍ଯ୍ୟନ୍ତ ଉପବାସ ଓ ଜାଗରଣ କରନ୍ତି । ତାପରେ ଅନୁକଳ୍ପ ପ୍ରସାଦ ସେବନ କରନ୍ତି । ତା'ପରଦିନ ନନ୍ଦ ଉତ୍ସବ ପାଳନ ପୂର୍ବକ ମଧ୍ୟାହ୍ନରେ ପ୍ରୀତିଭୋଜନ କରାହୁଏ । ଏହିଦିନ 'ପରମପୁରୁଷ ଭଗବାନ ଶ୍ରୀକୃଷ୍ଣ' ଚୈତନ୍ୟ ଚରିତାମୃତ ଆଦିଲୀଳା ୪ର୍ଥ ପରିଚ୍ଛେଦ ଓ ଭାଗବତ ୧୦ମ ସ୍କନ୍ଧ ପ୍ରାରମ୍ଭରୁ ଅଧ୍ୟୟନ କରିବେ ।

**ଶ୍ରୀଲ ପ୍ରଭୁପାଦଙ୍କ ଆର୍ବିଭାବ:-**ଏହି ଉତ୍ସବ ନନ୍ଦ ଉତ୍ସବ ଦିନ (ଜନ୍ମାଷ୍ଟମୀ ପରଦିନ) ପାଳନ କରାଯାଏ । ବଦ୍ଧଜୀବ ଉପରେ ଅହେତୁକୀ କୃପା ବର୍ଷଣ କରିବା ପାଇଁ ଶ୍ରୀଲ ପ୍ରଭୁପାଦଙ୍କ ଆବିର୍ଭାବ । ଇସ୍କନର ସମସ୍ତ ସଦସ୍ୟଙ୍କ ପାଇଁ ଏହା ସର୍ବାଧିକ ମହତ୍ତ୍ୱପୂର୍ଣ୍ଣ ଅଟେ । କାରଣ ଶ୍ରୀଲ ପ୍ରଭୁପାଦଙ୍କ ଅହେତୁକୀ କୃପା ବିନା ଆମ୍ଭ ମଧ୍ୟରୁ କେହି ବି କୃଷ୍ଣଭାବନାରେ ଭାବିତ ହୋଇପାରି ନ ଥାନ୍ତେ । ପୂର୍ବଦିନ ଜନ୍ମାଷ୍ଟମୀ ଉପବାସ ହେତୁ ଏହିଦିନ ସୂର୍ଯ୍ୟୋଦୟ ପରେ କଣିକାଏ ମହାପ୍ରସାଦ ସେବନ ପୂର୍ବକ ପାରଣା କରି ବ୍ରତ ସମାପନ କରିଥାନ୍ତି । ପୁନରାୟ ମଧ୍ୟାହ୍ନ ପର୍ଯ୍ୟନ୍ତ ଉପବାସ କରାଯାଏ । ଶ୍ରୀଲ ପ୍ରଭୁପାଦଙ୍କ ମହିମା ଶ୍ରବଣ, କୀର୍ତ୍ତନ କରିବା ପାଇଁ ବଡ଼ ଉତ୍ସାହର ସହ ମନ୍ଦିରରେ ଭକ୍ତବୃନ୍ଦ ଏକତ୍ର ହୋଇ 'ପ୍ରଭୁପାଦ ଲୀଳାମୃତ' ଅଧ୍ୟୟନ, ପ୍ରଭୁପାଦଙ୍କ ଶିଷ୍ୟଗଣ ତଥା ବରିଷ୍ଠ ଭକ୍ତଙ୍କ ଶ୍ରୀମୁଖରୁ ପ୍ରଭୁପାଦଙ୍କ ଲୀଳା ଶ୍ରବଣ ଓ ନିଜର ଉପଲବ୍ଧି ବ୍ୟାଖ୍ୟା କରିଥାନ୍ତି । ମଧ୍ୟାହ୍ନ ୧୨ଘଟିକା ପୂର୍ବରୁ ଅଭିଷେକ ଶେଷ କରି ବିଭିନ୍ନ ପ୍ରକାର ବ୍ୟଞ୍ଜନର ଭୋଗ ଶ୍ରୀଭଗବାନ ଏବଂ ସ୍ୱତନ୍ତ୍ରଭାବେ ଶ୍ରୀଲ ପ୍ରଭୁପାଦଙ୍କୁ ନିବେଦନ କରାଯାଏ । ଏହାପରେ ଭକ୍ତମାନେ ପୁଷ୍ପାଞ୍ଜଳିରେ ପ୍ରଭୁପାଦଙ୍କ ପ୍ରଣାମ ମନ୍ତ୍ର ତିନିଥର ଉଚ୍ଚାରଣ କରି ତିନିଥର 'ଏଷ ପୁଷ୍ପାଞ୍ଜଳି' କହି ଶ୍ରୀଲ ପ୍ରଭୁପାଦଙ୍କ ଚରଣରେ ସେହି ପୁଷ୍ପକୁ ଅର୍ପଣ କରନ୍ତି । ଏହାପରେ ସାଷ୍ଟାଙ୍ଗ ପ୍ରଣାମ ନିବେଦନ ପୂର୍ବକ ଉପସ୍ଥିତ ସମସ୍ତ ଭକ୍ତଙ୍କୁ ପ୍ରସାଦ ବିତରଣ କରାହୁଏ । ଏହିପରି ଶ୍ରୀଗୁରୁଦେବଙ୍କ ଆବିର୍ଭାବ ତିଥି ପାଳନ କରାଯାଏ ।

ସମସ୍ତ ଇସ୍କନ ଭକ୍ତମଣ୍ଡଳୀ ଶ୍ରୀଲ ଭକ୍ତି ସିଦ୍ଧାନ୍ତ ସରସ୍ୱତୀ ଠାକୁର, ଶ୍ରୀଲ ଗୌରକିଶୋର ଦାସ ବାବାଜୀ, ଶ୍ରୀଲ ଭକ୍ତି ବିନୋଦ ଠାକୁରଙ୍କ ଆବିର୍ଭାବ ଦିବସରେ ମଧ୍ୟାହ୍ନ ପର୍ଯ୍ୟନ୍ତ ଉପବାସ ରଖି ପୁଷ୍ପାଞ୍ଜଳି ଦେଇ ପ୍ରସାଦସେବନ କରନ୍ତି ।

**ରାଧାଷ୍ଟମୀ:-**ଶ୍ରୀମତୀ ରାଧାରାଣୀଙ୍କ ଆର୍ବିଭାବ ଦିବସକୁ ରାଧାଷ୍ଟମୀ କୁହାଯାଏ । ଏହିଦିନ ରାଧାକୃଷ୍ଣ ଉଭୟଙ୍କୁ ଏକତ୍ର ଅଭିଷେକ କରାଯାଏ । ମଧ୍ୟାହ୍ନ ପର୍ଯ୍ୟନ୍ତ ଉପବାସ । ତତ୍ପରେ ପ୍ରୀତିଭୋଜନ କରାହୁଏ । ସାରୁ, ରାଧାରାଣୀଙ୍କ ମନ ପସନ୍ଦ ପରିବା ହୋଇଥିବାରୁ ସାରୁରେ ବିଭିନ୍ନ ପ୍ରକାର ବ୍ୟଞ୍ଜନ ପ୍ରସ୍ତୁତ କରି ନିବେଦନ କରିବେ । ଶ୍ରୀ ଚୈତନ୍ୟ ଚରିତାମୃତ'ର ଆଦିଲୀଳା ୪ର୍ଥ ପରିଚ୍ଛେଦ ଓ ମଧ୍ୟଲୀଳା ୨୩ଶ ପରିଚ୍ଛେଦର ୮୩-୯୨ଶ୍ଳୋକ ଏବଂ 'ପରମପୁରୁଷ ଭଗବାନ ଶ୍ରୀକୃଷ୍ଣ' ଗ୍ରନ୍ଥର ୨ୟ ଖଣ୍ଡ ୭ମ ଅଧ୍ୟାୟର ଗୋପୀମାନଙ୍କୁ ଉଦ୍ଧବଙ୍କର ବାର୍ତ୍ତା ବା ଭାଗବତର ୧୦ମ ସ୍କନ୍ଧ-୪୭ତମ ଅଧ୍ୟାୟଟି ଅଧ୍ୟୟନ କରିବେ ।

**ବାମନ ଦ୍ୱାଦଶୀ:-**ଏହି ପବିତ୍ର ତିଥିରେ ଭଗବାନ ଶ୍ରୀ ବାମନ ଦେବ ଆବିର୍ଭୂତ ହୋଇଥିଲେ । 'ଶ୍ରୀମଦ୍ ଭାଗବତମ୍' ର ଅଷ୍ଟମ ସ୍କନ୍ଧ ୧୮ ରୁ ୨୨ ଅଧ୍ୟାୟ ପର୍ଯ୍ୟନ୍ତ ଅଧ୍ୟୟନ କରିବେ ।

**ଗୋବର୍ଦ୍ଧନ ପୂଜା ବା ଅନ୍ନକୁଟ ମହୋତ୍ସବ:-**

ଗୋବର୍ଦ୍ଧନ ପର୍ବତ ବା ଗୋବର୍ଦ୍ଧନ ଶିଳାକୁ ପୂଜାକରି ଉତ୍ସବ ପାଳନ କରାଯାଏ । ଯେଉଁଠାରେ ଗୋବର୍ଦ୍ଧନ ଗିରି ନାହାନ୍ତି, ସେଠାରେ ଗୋମୟରେ ଗୋବର୍ଦ୍ଧନ ଆକୃତି କରି ପୁଷ୍ପଲତା ଓ ତୃଣ ଦ୍ୱାରା ସଜାଇ

ପୂଜା କରିବେ । ମଧ୍ୟାହ୍ନ ପୂର୍ବରୁ ଅଭିଷେକ କରି ପ୍ରସ୍ତୁତ ସମସ୍ତ ଖାଦ୍ୟ ପଦାର୍ଥ ଦ୍ୱାରା ଏକ ଗୋବର୍ଦ୍ଧନ ପର୍ବତାକୃତି ନିର୍ମାଣ କରି ଭୋଗ ନିବେଦନ କରାଯାଏ ଏବଂ ପରେ ତାହାକୁ ପରିକ୍ରମା କରି ସେହି ପ୍ରସାଦକୁ ବିତରଣ କରି ଅନ୍ନକୁଟ ଉତ୍ସବ ପାଳନ କରାଯାଏ । ଏହି ଦିନ 'ଗୋ' ପୂଜା କରାଯାଏ । ଏହି ବିଷୟରେ 'ପରମପୁରୁଷ ଭଗବାନ ଶ୍ରୀକୃଷ୍ଣ' ଗ୍ରନ୍ଥର ୨୪ ଓ ୨୫ ଅଧ୍ୟାୟ ଏବଂ 'ଶ୍ରୀ ଚୈତନ୍ୟ ଚରିତାମୃତ'ର ମଧ୍ୟ ଲୀଳାର ଚତୁର୍ଥ ପରିଚ୍ଛେଦର ୨୧ରୁ ୮୦ ଶ୍ଳୋକ ପର୍ଯ୍ୟନ୍ତ ଅଧ୍ୟୟନ କରନ୍ତୁ ।

**ଶ୍ରୀ ପ୍ରଭୁପାଦଙ୍କ ତିରୋଭାବ:-**ଏହିଦିନ ଶ୍ରୀଲ ପ୍ରଭୁପାଦ ଏ ଧରାଧାମରୁ ଅପ୍ରକଟ ହୋଇଥିବାରୁ ମନ୍ଦିରରେ ଏକ ତୀବ୍ର ବିରହ ଭାବନା ଉତ୍ପନ୍ନ ହୋଇଥାଏ । ତିରୋଭାବ ଦିବସ ବୈଷ୍ଣବମାନଙ୍କର ମହାପ୍ରୟାଣ ସ୍ମରଣ ଓ ଗୁଣ କୀର୍ତ୍ତନ କରିବା ସଙ୍ଗେ ସଙ୍ଗେ ଅନ୍ତତଃ ମାୟା ଉପରେ ବିଜୟପ୍ରାପ୍ତ କରି କିପରି ଆଧ୍ୟାତ୍ମିକ ଜଗତକୁ ପ୍ରବେଶ କରିବାକୁ ପଡ଼େ ତାହା ଶିକ୍ଷା ଦିଏ । ଶ୍ରୀଲ ପ୍ରଭୁପାଦଙ୍କ ଲୀଳାମୃତ ଅଧ୍ୟୟନ କରି ମଧ୍ୟାହ୍ନ ପର୍ଯ୍ୟନ୍ତ ଉପବାସ, ପୁଷ୍ପାଞ୍ଜଳି ଓ ଆରତୀ ସମାପନାନ୍ତେ ପ୍ରୀତିଭୋଜନ । ଶ୍ରୀଲ ଗୁରୁଦେବ, ଶ୍ରୀଲ ଭକ୍ତିସିଦ୍ଧାନ୍ତ ସରସ୍ୱତୀ ଠାକୁର, ଶ୍ରୀଲ ଗୌରକିଶୋର ଦାସ ବାବାଜୀ, ଶ୍ରୀଲ ଭକ୍ତିବିନୋଦ ଠାକୁରଙ୍କ ତିରୋଭାବ ଦିବସ ମଧ୍ୟ ଏହିପରି ପାଳନୀୟ ।

**ଅଦ୍ୱୈତ ଆଚାର୍ଯ୍ୟଙ୍କ ଆର୍ବିଭାବ:-**ମଧ୍ୟାହ୍ନ ପର୍ଯ୍ୟନ୍ତ ଉପବାସ ତା'ପରେ ପ୍ରୀତିଭୋଜନ କରି ଉତ୍ସବ ପାଳନ କରାଯାଏ ।

'ଶ୍ରୀଚୈତନ୍ୟ ଚରିତାମୃତ' ର ଆଦିଲୀଳା ଷଷ୍ଠ ଓ ଦ୍ୱାଦଶ ପରିଚ୍ଛେଦ ଓ ମଧ୍ୟଲୀଳା ୩ୟ ପରିଚ୍ଛେଦ ଅଧ୍ୟୟନ କରିବେ ।

**ବରାହ ଦ୍ୱାଦଶୀ:-**ଶ୍ରୀ ବରାହ ଦେବ ଭଗବାନଙ୍କ ଆର୍ବିଭାବ ଦିବସରେ ଶ୍ରୀମଦ୍ ଭାଗବତମ୍ ତୃତୀୟ ସ୍କନ୍ଧର ତ୍ରୟୋଦଶରୁ ଅଷ୍ଟାଦଶ ଅଧ୍ୟାୟ ପର୍ଯ୍ୟନ୍ତ ପାଠ କରିବେ ।

**ନିତ୍ୟାନନ୍ଦ ତ୍ରୟୋଦଶୀ:-**ଶ୍ରୀ ନିତ୍ୟାନନ୍ଦ ପ୍ରଭୁଙ୍କ ଆର୍ବିଭାବ ତିଥିରେ ମଧ୍ୟାହ୍ନ ପର୍ଯ୍ୟନ୍ତ ଉପବାସ ତା'ପରେ ଅନୁକଳ୍ପ ପ୍ରସାଦ ସେବନ । 'ଶ୍ରୀଚୈତନ୍ୟ ଚରିତାମୃତ' ର ଆଦିଲୀଳାର ଷଷ୍ଠ ପରିଚ୍ଛେଦ ଏବଂ 'ଶ୍ରୀ ନିତ୍ୟାନନ୍ଦ ଚରିତାବଳୀ' ଅଧ୍ୟୟନ କରନ୍ତୁ ।

**ବି.ଦ୍ର.:-** ପ୍ରତ୍ୟେକ ଉତ୍ସବରେ ଅନୁକଳ୍ପ ପ୍ରସାଦ ସେବନକାରୀ ଭକ୍ତବୃନ୍ଦ ପରଦିନ ସୂର୍ଯ୍ୟୋଦୟ ପରେ ଦ୍ୱାଦଶୀ ପରି ଅବଶ୍ୟ ପାରଣ କରିବେ ।